ODM EDUCATIONAL GROUP
Changing your Tomorrow

# ODM PUBLIC SCHOOL

SESSION : 15

CLASS : V

SUBJECT : ଓଡ଼ିଆ

CHAPTER NUMBER:07

CHAPTER NAME: ଜାପାନ ଅନୁଭୂତି

SUBTOPIC : ବିଷୟ ଆଲୋଚନା ଓ ଶବ୍ଦାର୍ଥ



Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ବିଷୟ ଆଲୋଚନା ମାଧ୍ୟମରେ ଲବ୍ଧଜ୍ଞାନ ।

# ଜାପାନ ଅନୁଭୂତି ।

ODM EDUCATIONAL GROUP
Changing your Tomorrow

ସନାତନ ପଣ୍ଡା

ଜାପାନର ରାସ୍ତାର ଛକ ମାନଙ୍କରେ ଯାନବାହନ ଓ ପଦଚାରୀମାନଙ୍କୁ ନିୟନ୍ତ୍ରଣ କରିବାପାଇଁ ଟ୍ରାଫିକ୍ ଲାଇଟ୍ ର ସଙ୍କେତ ଯଥେଷ୍ଟ । ଟୋକିଓ ସହରର କେଉଁଠି ହେଲେ ଜଣେ ଟ୍ରାଫିକ୍ ପୋଲିସ୍ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିବାର ନଜରକୁ ଆସି ନ ଥିଲା । ଏଥିରୁ ଜଣାପଡୁଥିଲା ଜାପାନୀମାନେ କେତେ ଶୃଙ୍ଖଳିତ ।ଜାପାନର ରାସ୍ତା କଡ଼ରେ କେଉଁଠି ହେଲେ ଗୋଟେ ଉଠାଦୋକାନ ଆମେ ଦେଖିବାକୁ ପାଇଲୁ ନାହିଁ । ଫୁଟପାଥ୍ କଡ଼ରେ ଅଥବା ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଦୋକାନୀ ନ ଥାଇ ଦୋକାନ ଦେଖିଲୁ । ସେହି ଦୋକାନମାନଙ୍କରେ ସମସ୍ତ ସାମଗ୍ରୀ କାଚ ଆଲମାରିରେ ସଜାହୋଇ ରହିଥାଏ । ଗ୍ରାହକ ଜାପାନୀ 'ୟେନ୍' ପକାଇବା ମାତ୍ରେ କାଚ ଭିତରେ ଏକ ନାଲି ରଙ୍ଗର ଆଲୋକ ଜଳିଉଠେ । ଏହାପରେ ଗ୍ରାହକ ଆବଶ୍ୟକ ଜିନିଷ ପାଖରେ ସୁଇଚ୍ ଟିପିଲେ ଜିନିଷଟି ତଳକୁ ବାହାରି ଆସିବା ସଙ୍ଗେ ସଙ୍ଗେ ଅବଶିଷ୍ଟ ପଇସା ମଧ୍ୟ ବାହାରିଆସେ । ଜାପାନର ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରୟୋଗ ବିଷୟରେ ଆମେ ତ ଆଗରୁ ଶୁଣିଥିଲୁ।

# କଠିନ ଶବ୍ଦର ଅର୍ଥ

ନିୟନ୍ତ୍ରଣ – ପରିଚାଳନା
ସଙ୍କେତ –ଚିହ୍ନ
ନଜର –ଲକ୍ଷ୍ୟ
ଶୃଙ୍ଖଳିତ –ନିୟମବଦ୍ଧ
ଗ୍ରାହକ –କିଣୁଥିବାଲୋକ
ଅବଶିଷ୍ଟ –ବଳକା
ବୈଷୟିକ-ବ୍ୟବସାୟ ସମ୍ବନ୍ଧୀୟ,ଯାନ୍ତ୍ରିକ

# ଜାପାନ ଅନୁଭୂତି

ODM EDUCATIONAL GROUP
Changing your Tomorrow

କିନ୍ତୁ ହୋଟେଲରେ ପହଞ୍ଚିବା ପରେ  ଦେଖିଲୁ ତା'ର କୋଠରୀ,ଗାଧୁଆଘର,ପାଇଖାନା ପ୍ରଭୃତି ସବୁଠି ସ୍ୱୟଂଚାଳିତ ଯନ୍ତ୍ରପାତି ଖଞ୍ଜାଯାଇଛି । ଜାପାନରେ ରହଣି ସମୟରେ ସବୁଠୁ ମନଛୁଆଁ ଥିଲା ତା'ର ପରିଷ୍କାର ପରିଛନ୍ନତା ଓ ସବୁଜ ସୁନ୍ଦର ପରିବେଶ ।ଘର ହେଉ ବା ବାହାର,ସ୍କୁଲ୍ ,    ରାସ୍ତାଘାଟ ଅଥବା ଅଫିସ୍ କେଉଁଠି ହେଲେ ଟିକିଏ ଅଳିଆ ବା ଅଦରକାରୀ ଜିନିଷଫିଙ୍ଗାଫୋପଡ଼ା ହୋଇଥିବା ନଜରକୁ ଆସିଲା ନାହିଁ । ମନରେ ପ୍ରଶ୍ନ ଉଠୁଥାଏ,ଏମାନେ ତେବେ ଅଳିଆ ଆବର୍ଜନା କୁ କରନ୍ତି କ'ଣ ? ନଜର ପଡ଼ିଲା ହୋଟେଲ୍ ଲବିରେ ଥିବା ତିନୋଟି ଭିନ୍ନ ଭିନ୍ନ ଅଳିଆ ପାତ୍ର ଉପରେ ।ଗୋଟିଏ ସ୍ଥାନରେ ତିନୋଟି ଅଳିଆ ପାତ୍ର ଦେଖି ଏହାର କାରଣ କିଛି ବୁଝିପାରିଲି ନାହିଁ । ଆମ ସହ ଥିବା ଜାପାନୀ ସଂଯୋଜିକା ସୋମା ସାନ୍ ଙ୍କୁ ଏ ବିଷୟରେ ପଚାରିଲି । ସେ ମୋର  ଆଗ୍ରହ ଦେଖି କହିଲେ,"ଆପଣ ଯେଉଁ ସବୁଜ ରଙ୍ଗର ଡଷ୍ଟବିନ୍ ଟି ଦେଖୁଛନ୍ତି ସେଥିରେ ଦାହ୍ୟ ବର୍ଜ୍ୟବସ୍ତୁ ପକାଯାଏ । ଲାଲ୍  ରଙ୍ଗର ଡଷ୍ଟବିନ୍ ରେ ଅଦାହ୍ୟ ବର୍ଜ୍ୟବସ୍ତୁ ଓ ନୀଳ ରଙ୍ଗର ଡଷ୍ଟବିନ୍  ରେ ପୁନଃଚକ୍ରଣ ଯୋଗ୍ୟ ବର୍ଜ୍ୟବସ୍ତୁ ପକାଯାଏ" ।

# କଠିନ ଶବ୍ଦର ଅର୍ଥ

ସ୍ୱୟଂଚାଳିତ –ନିଜେ ଚାଲୁଥିବା
ଆବର୍ଜନା –ଅଳିଆ
ବର୍ଜ୍ୟବସ୍ତୁ –ଅଦରକାରୀ
ଦାହ୍ୟ –ପୋଡ଼ାଯିବା
ପୁନଃଚକ୍ରଣ – ଅଦରକାରୀ ଜିନିଷରୁ ଦରକାରୀ ଜିନିଷ ବାହାର କରିବା
ଅଦାହ୍ୟ –ପୋଡ଼ିବା ଯୋଗ୍ୟ ନୁହଁ

# ଗୃହକର୍ମ

ପଠିତାଂଶରୁ ଯୋଡିଶବ୍ଦ ବାଛି ଲେଖ ।

# LEARNING OUTCOME:

ଶବ୍ଦାର୍ଥ ଆଲୋଚନା ମାଧ୍ୟମରେ ଜ୍ଞାନ ହାସଲ ।

# THANKING YOU

# ODM EDUCATIONAL GROUP